# ସବୁଜ ଗିରି
# SABUJAGIRI

## କୃଷି ବିଜ୍ଞାନ କେନ୍ଦ୍ର, ଗଜପତି

A Quarterly Newsletter of KVK, GAJAPATI, ODISHA

ପଞ୍ଚମ ବର୍ଷ | ପ୍ରଥମ ସଂଖ୍ୟା | ଜାନୁୟାରୀ - ମାର୍ଚ୍ଚ - ୨୦୧୨


## ଏହି ସଂକଳନରେ .......


- କେତକୀ ଜୋହା - ଉନ୍ନତ ସୁଗନ୍ଧିତ ଧାନ କିସମର ସଫଳ କ୍ଷେତ୍ର ପଦର୍ଶନ
- ମକା ଫସଲରେ ସମ୍ମନ୍ବିତ ଖାଦ୍ୟ ଉପାଦାନର ପରିଚାଳନା
- ମହିଳା ଚାଷୀଙ୍କ ପାଇଁ ଶ୍ରମଲାଘବ ଯନ୍ତ୍ରପାତିର ସଫଳ କ୍ଷେତ୍ର ପ୍ରଦର୍ଶନ
- ମିଶ୍ରିତ ମାଛ ଚାଷର ସଫଳ କ୍ଷେତ୍ର ପ୍ରଦର୍ଶନ
- ଅନୁଜ ସୁଡ଼ଙ୍ଗର ସଫଳ କ୍ଷେତ୍ର ପରୀକ୍ଷଣ
- ରାଣିଧାନ : ମଝିଆଳ ଜମି ପାଇଁ ଉପଯୁକ୍ତ କିସମ
- ଚିନାବାଦାମ (TSP) ର ସଫଳ କ୍ଷେତ୍ର ପ୍ରଦର୍ଶନ
- ବିନସ୍ ଫସଲରେ ସରକୋସ୍ପୋରା ରୋଗ ନିୟନ୍ତ୍ରଣର କ୍ଷେତ୍ର ପରୀକ୍ଷଣ
- କୃଷି ବିଜ୍ଞାନ କେନ୍ଦ୍ର ତରଫରୁ "ପଶୁ ସମ୍ପଦ ସ୍ୱାସ୍ଥ୍ୟ ଶିବିର" ଅନୁଷ୍ଠିତ
- ଗ୍ରାମ୍ୟ ଜଳାଶୟରେ ପ୍ରାକୃତିକ ଖାଦ୍ୟ ବୃଦ୍ଧି ନିମନ୍ତେ ହ୍ୟୁମିକ ଏସିଡ୍‌ର ଉପଯୋଗିତା


## ସଂପ୍ରସାରଣ ଶିକ୍ଷା ଅଧକ୍ଷଙ୍କ ବାର୍ତ୍ତା



କୃଷି ବିଜ୍ଞାନ କେନ୍ଦ୍ର ଗଜପତି ର ନିଜସ୍ୱ ତ୍ରୈମାସିକ ସମାଚାର ପତ୍ର 'ସବୁଜ ଗିରି' ର ପଞ୍ଚମ ବର୍ଷର ପ୍ରଥମ ସଂକଳନର ପ୍ରକାଶନରେ ମୁଁ ବିଶେଷ ଆନନ୍ଦିତ । କୃଷି ବିଜ୍ଞାନ କେନ୍ଦ୍ରର କୃଷି ଜ୍ଞାନ କୌଶଳ ହସ୍ତାନ୍ତର ଦିଗରେ ବିଶେଷ କାର୍ଯ୍ୟକ୍ରମ ମଧ୍ୟରେ : କୃଷକ କ୍ଷେତ୍ରରେ ଗବେଷଣା, ଆଗ ଧାଡ଼ି କ୍ଷେତ୍ର ପ୍ରଦର୍ଶନ, କୃଷକ, କୃଷିଜୀବୀମହିଳା, ଗ୍ରାମ୍ୟ ଯୁବକ, ଯୁବତୀ ଏବଂ କୃଷି ସଂପ୍ରସାରଣ କର୍ମୀଙ୍କର କୃଷି ଭିତ୍ତିକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମାଧ୍ୟମରେ କୃଷକ ମାନଙ୍କୁ ସମୟପଯୋଗୀ କୃଷି ଜ୍ଞାନ କୌଶଳ ପ୍ରୟୋଗ ଦିଗରେ ଆକୃଷ୍ଟ କରାଇବା ସହ ଏହାକୁ ଗ୍ରହଣ କରାଇବା ପାଇଁ ଦକ୍ଷତା ବିକାଶ ମଧ୍ୟ କରାଯାଉଛି । କୃଷି ଆନୁସଂଗିକ କ୍ଷେତ୍ରରେ ଉଦ୍ୟୋଗ ବିକାଶ ସହ ପାରିବାରିକ ଆୟ ବୃଦ୍ଧି ପାଇଁ କ୍ଷୁଦ୍ର ଓ ନାମ ମାତ୍ର କୃଷି ପରିବାରର ମହିଳା ଚାଷୀ ଓ ବେରୋଜଗାର ଗ୍ରାମ୍ୟ ଯୁବକ, ଯୁବତୀଙ୍କ ପାଇଁ ବିଶେଷ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଜିଲ୍ଲାର ଭୌଗଳିକ ଆୟତନର ପ୍ରାୟ ୫୭% ଜଙ୍ଗଲ ସମ୍ପଦରେ ପରିପୂର୍ଣ୍ଣ । ତେଣୁ ଆମ୍ବ, କମଳା, ଲିଚୁ, ପିଜୁଳି ସହ ଅଦା, ହଳଦୀ, ଡାଲଚିନି, ଗୋଲମରିଚ ଏବଂ ମହୁଚାଷର ଯଥେଷ୍ଟ ପ୍ରସାର ପାଇଁ କୃଷି ବିଜ୍ଞାନ କେନ୍ଦ୍ର ବିଭିନ୍ନ ବୈଷୟିକ କାର୍ଯ୍ୟକ୍ରମ ମାଧ୍ୟମରେ କୃଷି ସଚେତନତା ସୃଷ୍ଟି କରୁଛି । ଇ-କୃଷି ସନ୍ଦେଶ ମାଧ୍ୟମରେ ଶତାଧିକ ଚାଷୀ ମାନଙ୍କୁ ମାଗଣାରେ ମୋବାଇଲ୍ ଫୋନ୍ ମାଧ୍ୟମରେ ସମୟୋପଯୋଗୀ କୃଷି ସନ୍ଦେଶ ମଧ୍ୟ ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ କୃଷକମାନଙ୍କର ବିଭିନ୍ନ ସଫଳତାର ସନ୍ଦେଶ ବହନ କରି ପ୍ରକାଶିତ ଏହି ସମାଚାର ପତ୍ର ଜିଲ୍ଲାର କୃଷକ ସଂପ୍ରଦାୟର କୃଷି ସମ୍ବନ୍ଧୀୟ ବିଭିନ୍ନ ସମସ୍ୟାର ସମାଧାନ ତଥା ନୂତନ କୃଷି କୌଶଳର ଗ୍ରହଣ ନିମନ୍ତେ ଯଥେଷ୍ଟ ସହାୟକ ହୋଇପାରିବ ବୋଲି ମୋର ବିଶ୍ୱାସ । କୃଷି ବିଜ୍ଞାନ କେନ୍ଦ୍ର, ଗଜପତିର ଏହି ମହତ୍ ପଦକ୍ଷେପ ବାସ୍ତବିକ ପ୍ରଶଂସନୀୟ । ମୁଁ ଏହି ସମାଚାର ପତ୍ରର ନିରନ୍ତର ସଫଳତା କାମନା କରୁଛି ।


ଅଧକ୍ଷ, କୃଷି ସଂପ୍ରସାରଣ ନିର୍ଦ୍ଦେଶାଳୟ
ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର


## ମୁଖ୍ୟ ସଂପାଦକଙ୍କ କଲମରୁ ...



କୃଷି ବିଜ୍ଞାନ କେନ୍ଦ୍ର ଗଜପତିର ନିଜସ୍ୱ ତ୍ରୈମାସିକ ସମାଚାର ପତ୍ର "ସବୁଜ ଗିରି" ର ପ୍ରକାଶନ ପଞ୍ଚମ ବର୍ଷରେ ପଦାର୍ପଣ କରିଛି । ଏହାର ପ୍ରଥମ ସଂକଳନ କେନ୍ଦ୍ରର ବିଭିନ୍ନ ବୈଜ୍ଞାନିକ ଜ୍ଞାନ କୌଶଳର ସଫଳତା ଏବଂ ଆଦୃତିକୁ ନେଇ ପ୍ରକାଶିତ ହୋଇଛି । ଜିଲ୍ଲାର ବହୁବିଧ କୃଷିକୁ ଭିତ୍ତିକରି ସହଭାଗୀ ଆକଳନ ଦ୍ୱାରା ମୁଖ୍ୟ ଶସ୍ୟ ଓ ଉଦ୍ୟାନ ଫସଲ, ଅଦିନିଆ ପନିପରିବା ଯଥା ବର୍ଷା ଦିନିଆ ଫୁଲକୋବି, ଟମାଟୋ ଆଦିର ଉନ୍ନତ ଚାଷ ପ୍ରଣାଳୀ, ପ୍ରାଣୀ ପାଳନ ଏବଂ ମତ୍ସ୍ୟଚାଷ ଭିତ୍ତିକ ସମ୍ମନ୍ବିତ କୃଷି ର ବିକାଶ ଦିଗରେ ବୈଜ୍ଞାନିକ ଜ୍ଞାନ କୌଶଳ ର ବିସ୍ତାର ପାଇଁ କ୍ଷେତ୍ର ପରୀକ୍ଷଣ ଓ ପ୍ରଦର୍ଶନ, ପ୍ରଶିକ୍ଷଣ ତଥା କ୍ଷେତ୍ର ପରିଦର୍ଶନ ଏବଂ କୃଷି ପରାମର୍ଶ ସେବା ଆୟୋଜିତ ହେଉଛି । ମୋବାଇଲ୍ ଫୋନ୍ ମାଧ୍ୟମରେ ମଧ୍ୟ ସମୟୋପଯୋଗୀ କୃଷି ପରାମର୍ଶ ଜିଲ୍ଲାର ଅନେକ ଚାଷୀଙ୍କୁ ଯୋଗାଇ ଦିଆଯାଉଛି । ଏହି ପରିପ୍ରେକ୍ଷୀରେ କୃଷିବିଜ୍ଞାନ କେନ୍ଦ୍ର ଗଜପତି ର ବହୁବିଧ ବୈଜ୍ଞାନିକ ଜ୍ଞାନ କୌଶଳ ଭିତ୍ତିକ କାର୍ଯ୍ୟକ୍ରମର ସଫଳତା କୁ ବହନ କରି ପ୍ରକାଶିତ ହେଉଛି "ସବୁଜ ଗିରି" ଏହି ସମାଚାର ପତ୍ରକୁ ଲୋକ ଲୋଚନ କୁ ଆଣିବା ପାଇଁ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଜଡ଼ିତ ସମସ୍ତ ବୈଜ୍ଞାନିକ, କର୍ମଚାରୀ ଓ କୃଷି ପରିବାରଙ୍କୁ ବିକାଶ ଦିଗରେ ଏହା ନୂତନ ଦିଗ୍‌ଦର୍ଶନ ଯୋଗାଇବ ।


କାର୍ଯ୍ୟକ୍ରମ ସଂଯୋଜକ
କୃଷି ବିଜ୍ଞାନ କେନ୍ଦ୍ର, ନୟାଗଡ଼

## ଓୟୁଏଟି କୁଳପତିଙ୍କ କୃଷି ବିଜ୍ଞାନ କେନ୍ଦ୍ର ପରିଦର୍ଶନ

ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ ର କୁଳପତି ତା ୦୮.୦୩.୨୦୧୨ ରିଖ ରେ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ପରିଦର୍ଶନ ରେ ଆସି ଜିଲ୍ଲାରେ ଚାଷ କରାଯାଉଥିବା ବିଭିନ୍ନ କୃଷି ତଥା ଆନୁସଙ୍ଗିକ ଫସଲର ଉତ୍ପାଦନ ଓ ଉତ୍ପାଦକତା ବୃଦ୍ଧି ସାଙ୍ଗକୁ ଚାଷୀମାନଙ୍କ ଆର୍ଥିକ ପ୍ରଗତିରେ କୃଷିର ଭୂମିକା ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହନ କରୁଥିବାରୁ ଏ ଦିଗରେ କାର୍ଯ୍ୟ କରିବାକୁ କୃଷି ବିଜ୍ଞାନ କେନ୍ଦ୍ରର କାର୍ଯ୍ୟରତ ବୈଜ୍ଞାନିକ ମାନଙ୍କୁ ପରାମର୍ଶ ଦେଇଥିଲେ ।



ଏତଦ୍ ବ୍ୟତୀତ ଏହି କେନ୍ଦ୍ରରେ କରାଯାଇଥିବା ବିଭିନ୍ନ କ୍ଷେତ୍ର ପ୍ରଦର୍ଶନ ଓ ପରୀକ୍ଷଣ କାର୍ଯ୍ୟକ୍ରମ ଗୁଡିକ ସମ୍ବନ୍ଧରେ ବିଭାଗୀୟ ବୈଜ୍ଞାନିକ ମାନଙ୍କ ସହ ଆଲୋଚନା କରିଥିଲେ । ସମ୍ମାନୀୟ କୁଳପତି ମହୋଦୟ କୃଷି ବିଜ୍ଞାନ କେନ୍ଦ୍ର, ଅନ୍ତର୍ଗତ ଫାର୍ମ ଓ ନିର୍ମାଣଧିନ ଅଫିସ୍ ଘର ଓ କୃଷକ ନିବାସ ବୁଲି ଦେଖିଥିଲେ ।

## "କେତକୀ ଜୋହା" - ଉନ୍ନତ ସୁଗନ୍ଧିତ ଧାନ କିସମର ସଫଳ କ୍ଷେତ୍ର ପ୍ରଦର୍ଶନ

ପାରମ୍ପରିକ ପ୍ରଣାଳୀରେ ପୁରୁଣା ସ୍ଥାନୀୟ କିସମ ବାସନା ଧାନ ଚାଷ କଲେ ଅମଳ କମ୍ ସାଙ୍ଗକୁ ବିଶେଷ ଲାଭ ହେଉନାହିଁ । ଏଥିପାଇଁ କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ମଧ୍ୟମ କିସମ ଧାନ ଜମି ପାଇଁ ସୁଗନ୍ଧିତ ଉନ୍ନତ ଧାନ କିସମ "କେତକୀ ଜୋହା" ର କ୍ଷେତ୍ର ପ୍ରଦର୍ଶନ ଫଟାଚାଞ୍ଜିଡା ଓ ଶବରପଲ୍ଲୀ ଗ୍ରାମରେ କରାଯାଇଥିଲା । ଚାଷୀ ଏହି କିସମ ରୁ ହେକ୍ଟର ପିଛା ହାରାହାରି ଅମଳ ୪୩ କ୍ୱିଣ୍ଟାଲ ପାଇଛନ୍ତି, ଯାହା ଦେଶୀ କିସମରେ ୨୯ କ୍ୱିଣ୍ଟାଲ ପାଉଥିଲେ । ଚାଷୀ ମୋଟ ୩୦,୦୦୦ ଟଙ୍କା ଖର୍ଚ୍ଚ କରି ନିଟ୍ ଲାଭ ୨୧,୬୦୦ ଟଙ୍କା ପାଇପାରିଛି । ସୁଗନ୍ଧିତ ଧାନର ଚାହିଦା ଓ ଏହାର ବଜାର ମୂଲ୍ୟ ଭଲଥିବାରୁ ଏହା ଚାଷୀ ମହଲରେ ବେଶ୍ ଆଦୃତ ହୋଇପାରିଛି ।



## ମକା ଫସଲରେ ସମ୍ମନ୍ଵିତ ଖାଦ୍ୟ ସାରର ପରିଚାଳନା

ଗଜପତି ଜିଲ୍ଲାରେ ମକା ଚାଷ ଆଦୃତି ଲାଭ କରିଥିବାରୁ ଖରିଫ ଋତୁରେ ୯.୧୬ ହଜାର ହେକ୍ଟର ଜମିରେ ମକାଚାଷ ହୋଇଅଛି । ମାତ୍ର ଅମଳ ହେକ୍ଟର ପ୍ରତି ୧୫.୪୨ କ୍ୱିଣ୍ଟାଲ ରେ ସିମିତ ରହିଛି । ଚାଷୀ ମାନେ ସୁଷମ ଖାଦ୍ୟସାର ପରିଚାଳନା କରିନଥିବା ହେତୁ ଫସଲ ରୁ ଆଶାନୁରୂପ ଅମଳ




ପାଇପାରୁନାହାନ୍ତି । ଏହି ସମସ୍ୟା କୁ ଭିତ୍ତି କରି ଚଳିତ ଖରିଫ ଋତୁରେ ମକାପଦା, କୁଶପଲ୍ଲୀ, ଲୁବୁରୁସିଂ ଗ୍ରାମରେ ମକା ଫସଲରେ ସମନ୍ୱିତ ଖାଦ୍ୟସାର ପରିଚାଳନା ର ଆଗଧାଡି କ୍ଷେତ୍ର ପ୍ରଦର୍ଶନ କରାଯାଇଛି । ଚାଷୀ ମାନଙ୍କୁ ଜୈବିକସାର ଯଥାକ୍ରମେ ଆଜୋସ୍ପିରିଲମ୍ ୫୦୦ ମି.ଲି./ହେକ୍ଟର ଏବଂ ପି.ଏସ୍.ବି (୫୦୦ ମି.ଲି/ହେକ୍ଟର) ସହ ମୂଳସାର ହିସାବରେ ପଟାସ ଯୋଗାଇ ଦିଆଯାଇଥିଲା । ହେକ୍ଟର ପିଛା ହାରାହାରି ୫୬ କ୍ୱିଣ୍ଟାଲ ଅମଳ ମିଳିପାରିଛି ଯାହାକି ପାରମ୍ପରିକ ପ୍ରଣାଳୀ ଠାରୁ ଶତକଡ଼ା ୬୫ ଭାଗ ଅଧିକ । ଏହାଦ୍ୱାରା ଜୈବସାରର ଉପଯୋଗିତା ଚାଷୀମାନେ ଉପଲବ୍ଧ କରିପାରିଛନ୍ତି ।

## ମହିଳା ଚାଷୀଙ୍କ ପାଇଁ ଶ୍ରମଲାଘବ ଯନ୍ତ୍ରପାତିର ସଫଳ କ୍ଷେତ୍ର ପ୍ରଦର୍ଶନ

ସାଧାରଣତଃ ମହିଳାମାନେ ହାତରେ ଚିନାବାଦାମରୁ ଚୋପାଛଡାଇଥାନ୍ତି ଯାହା ଅଧିକ ସମୟ ନେଇଥାଏ ଏବଂ ହାତରେ ଯନ୍ତ୍ରଣା ସହ ଆଙ୍ଗୁଠି ରେ କ୍ଷତ ସୃଷ୍ଟି ହୋଇଥାଏ ଓ ସେମାନଙ୍କର କାର୍ଯ୍ୟଦକ୍ଷତା ହ୍ରାସ ପାଇଥାଏ । ଏହି ସମସ୍ୟା ନିରାକରଣ ପାଇଁ ଚିନାବାଦାମ ଚୋପା ଛଡାଇବା ପାଇଁ ଚୋପାଛଡା ଯନ୍ତ୍ର (Groundnut decorticator) ର ଏକ ସଫଳ କ୍ଷେତ୍ର ପ୍ରଦର୍ଶନ ଲୁବୁରୁସିଂ ଗ୍ରାମରେ ଅନୁଷ୍ଠିତ ହୋଇଥିଲା । ଘଣ୍ଟାକରେ ହାତରେ ସର୍ବାଧିକ ୩ କେଜି ମଞ୍ଜି ମିଳୁଥିବା ବେଳେ ଯନ୍ତ୍ର ସାହାଯ୍ୟରେ ହାରାହାରି ୪୦ କେଜି ଛଡାଯାଇ ପାରିଛି ।



ସେହିପରି ମକାରୁ ହାତରେ ମଞ୍ଜି ଛଡାଇବା ଦ୍ୱାରା ମହିଳାମାନଙ୍କର ନଖ, ଆଙ୍ଗୁଠି ଏବଂ ପାପୁଲିରେ କ୍ଷତ ସୃଷ୍ଟି ହୋଇ ଯନ୍ତ୍ରଣା ଦେଇଥାଏ । ମାତ୍ର ହସ୍ତଚାଳିତ କ୍ଷୁଦ୍ର ମକାଛଡା ଯନ୍ତ୍ର ସାହାଯ୍ୟରେ ଶିଘ୍ର ମଞ୍ଜି ଛଡାଇବା ସହ ସେମାନଙ୍କର ହାତରେ କୌଣସି କ୍ଷତ ବା ଯନ୍ତ୍ରଣା ସୃଷ୍ଟି ହେଉନାହିଁ । ତାହା ସହିତ ଯନ୍ତ୍ର ଦ୍ୱାରା ଘଣ୍ଟା ପ୍ରତି ୧୨ କି.ଗ୍ରା. ମଞ୍ଜି ଛଡାଯାଇପାରୁଛି । ମାତ୍ର କେବଳ ହାତ ସାହାଯ୍ୟରେ ୨ ରୁ ୩ କିଲୋ ପର୍ଯ୍ୟନ୍ତ ସେହି ସମୟ ଭିତରେ ଛଡାଇ ହେଉଛି । ଏହାଦ୍ୱାରା ମହିଳା ମାନେ ଅତି ସହଜରେ ଅବସର ସମୟରେ ମକାରୁ ଅଧିକ ମଞ୍ଜି ଛଡାଇ ପାରୁଛନ୍ତି । ତେଣୁ ସେମାନଙ୍କର ସମୟ ସଞ୍ଚିତ ହେବା ସହିତ କାର୍ଯ୍ୟ ଦକ୍ଷତା ବୃଦ୍ଧି ପାଉଛି । ଯାହାଦ୍ୱାରା ସେମାନେ ଆନୁସଙ୍ଗିକ ଧନ୍ଦା ଏବଂ ଘର କାମରେ ଅଧିକ ସମୟ ନିୟୋଜନ କରିପାରୁଛନ୍ତି ।

## ମିଶ୍ରିତ ମାଛ ଚାଷର ସଫଳ କ୍ଷେତ୍ର ପ୍ରଦର୍ଶନ

ପାରମ୍ପରିକ ପଦ୍ଧତି ଅବଲମ୍ବନ କରି ମାଛ ଚାଷ କଲେ ମାଛର ସଠିକ୍ ଶାରିରୀକ ବୃଦ୍ଧି ଘଟେ ନାହିଁ ଓ ଚାଷୀ ବିଶେଷ ଲାଭବାନ ହୋଇପାରନ୍ତି ନାହିଁ । ସୁତରାଂ ପୋଖରୀର ବିଭିନ୍ନ ଜଳସ୍ତରକୁ ଭିତିକରି ବୈଜ୍ଞାନିକ ପ୍ରଣାଳୀରେ ମିଶ୍ରିତ ମାଛ ଚାଷ କଲେ ମାଛ ଠିକ୍ ଭାବରେ ବଢ଼ିବା ସହ ଉତ୍ପାଦନ ବୃଦ୍ଧି ପାଏ । ଏହି ପରିପ୍ରେକ୍ଷୀରେ କୃଷି ବିଜ୍ଞାନ କେନ୍ଦ୍ର ଦ୍ୱାରା "ମିଶ୍ରିତ ମାଛ ଚାଷ" ସଂପର୍କିତ ଏକ ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ମହେନ୍ଦ୍ରଗଡ଼, ଛେଳିଗଡ଼, ଶବରପଲ୍ଲୀ, ଲୁବାର ସିଂ ଗ୍ରାମରେ ସଂପାଦିକ ହୋଇଥିଲା । ଚାଷୀ ହାରାହାରୀ ଏକର ପ୍ରତି ୧୨.୧ କ୍ୱିଣ୍ଟାଲ୍ ମାଛ ଅମଳ କରିଛନ୍ତି । ଏଥିପାଇଁ ୨୪ ହଜାର ଟଙ୍କା ଖର୍ଚ୍ଚ କରି ୮୪ ହଜାର ରୁ ଉର୍ଦ୍ଧ ଟଙ୍କା ଲାଭ ପାଇଛନ୍ତି । ମାଛ ଚାଷରେ ଏପରି ସଫଳତା ଦେଖି ପାଖ ଗ୍ରାମର ଚାଷୀ ମାନେ ବୈଜ୍ଞାନିକ ପଦ୍ଧତିରେ ମିଶ୍ରିତ ମାଛ ଚାଷ ଆରମ୍ଭ କରିଛନ୍ତି ।



## ଅନୁଚ୍ଚ ସୁଡ଼ଙ୍ଗ (Low tunnel) ର ସଫଳ କ୍ଷେତ୍ର ପରୀକ୍ଷଣ

ଅନୁଚ୍ଚ ସୁଡ଼ଙ୍ଗ ଏକ ଛୋଟ ସବୁଜ ଘରର ପ୍ରତିରୂପ । ଏହା ଅଙ୍ଗାରକାମ୍ଳ ବାଷ୍ପ ଧରି ରଖି ଉଦ୍ଭିଦର ଭାଶ୍ଲେଷଣ ପ୍ରକ୍ରିୟାରେ ବୃଦ୍ଧି ଘଟାଇ ଉତ୍ପାଦନ ବଢ଼ାଇବାରେ ସାହାଯ୍ୟ କରିଥାଏ । ଏହା ମଧ୍ୟ ଫସଲକୁ ବର୍ଷା, ବତାସ ଓ ବରଫ ପାତରୁ ରକ୍ଷା କରିଥାଏ । ଏଣୁ ଏହାମଧ୍ୟରେ ଅଧିକ ମାନ ଓ ମୂଲ୍ୟର ଚାରା ଉତ୍ପାଦନ ସହିତ ବିଲାତି ବାଇଗଣ, କାକୁଡି, ମୂଳା, ବିନ୍ସ, ଫୁଲକୋବି ଆଦି ଫସଲ ଚାଷ ପାଇଁ ବ୍ୟବହାର କରାଯାଇଥାଏ । ଏହାକୁ ଆଖି ଆଗରେ ରଖି କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ଅନୁଚ୍ଚ ସୁଡଙ୍ଗର କ୍ଷେତ୍ର ପରୀକ୍ଷଣ ଫଟାଚାଅଡା ଓ ଲୁବୁରୁ ସିଂ ଗ୍ରାମରେ କରାଯାଇଥିଲା । ଏହାଦ୍ୱାରା



୮୦ ପ୍ରତିଶତ ମଞ୍ଜି ଗଜା ହେବା ସହ ୫-୭ ଦିନ ଆଗରୁ ଚାରା ପ୍ରସ୍ତୁତ ହୋଇପାରିଲା ଯାହା ପୂର୍ବରୁ ୪୦-୫୦ ପ୍ରତିଶତ ମଞ୍ଜି ଗଜା ହେବା ସାଙ୍ଗକୁ ଚାରା ପ୍ରସ୍ତୁତ ହେବାକୁ ବିଳମ୍ବ ହେଉଥିଲା । ଫଳତଃ ଚାଷୀ ବିଶେଷ ଉପକୃତ ହେବା ସାଙ୍ଗକୁ ଭଲ ଦି ପଇସା ରୋଜଗାର କରିପାରିଛି ।

## ରାଣିଧାନ : ମଝିଆଳ ଜମି ପାଇଁ ଉପଯୁକ୍ତ କିସମ

ପାରମ୍ପରିକ ପ୍ରଣାଳୀ ରେ ସ୍ଥାନୀୟ ଧାନ କିସମ ଦ୍ୱାରା ଚାଷ କଲେ ଅମଳ କମ୍ ସାଙ୍ଗକୁ ଚାଷୀ କ୍ଷତିଗ୍ରସ୍ତ ହେଉଛି । ଏହାକୁ ଲକ୍ଷ ରଖି କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ମଧ୍ୟମ କିସମ ଧାନ ଜମି ପାଇଁ ରାଣିଧାନ ର କ୍ଷେତ୍ର ପରୀକ୍ଷଣ ରାଜପୁର ଗ୍ରାମରେ କରାଯାଇଥିଲା । ଚାଷୀ ଏହି କିସମ ରୁ ହେକ୍ଟର



ପିଛା ଅମଳ ୪୪ କ୍ୱିଣ୍ଟାଲ ପାଇଥିବା ବେଳେ ପାରମ୍ପରିକ ପ୍ରଣାଳୀରେ ୩୨ କ୍ୱିଣ୍ଟାଲ ପାଉଥିଲେ । ଏହାଦ୍ୱାରା ମୋଟ ଖର୍ଚ୍ଚ ୨୮,୫୦୦ ଟଙ୍କା ହେବା ସହିତ ନିଟ୍ ଲାଭ ୨୨,୦୦୦ ଟଙ୍କା ହୋଇଥିଲା । ଏଥିରୁ ଚାଷୀମାନେ ପ୍ରମାଣିତ କରିଛନ୍ତି ଯେ ମଝିଆଳ ଜମି ପାଇଁ ରାଣିଧାନ ଏକ ଉପଯୁକ୍ତ କିସମ ହୋଇପାରିବ ।

## ଚିନାବାଦାମ୍ (ଟି.ଏସ୍.ପି)ର ସଫଳ କ୍ଷେତ୍ର ପ୍ରଦର୍ଶନ

କୃଷି ବିଜ୍ଞାନ କେନ୍ଦ୍ର, ଗଜପତି ତରଫରୁ ଚଳିତ ରବି ଋତୁରେ ସାରଳା ପଦରେ ଗ୍ରାମରେ ଚିନାବାଦାମ (ଟି.ଏସ୍.ପି.)ର ଆଗୁଆ ଧାଡି କ୍ଷେତ୍ର ପ୍ରଦର୍ଶନ ଅନୁଷ୍ଠିତ ହୋଇଥିଲା । ଫସଲ ଉତ୍ପାଦନ ବୃଦ୍ଧି ପାଇଁ କେନ୍ଦ୍ର ତରଫରୁ ଉନ୍ନତ ଜ୍ଞାନ କୌଶଳ ସହ ୪ ହେକ୍ଟର ଜମିରେ ଚିନାବାଦାମ କିସମ "ସ୍ମୃତି" ଯୋଗାଇ ଦିଆଯାଇଥିଲା । ଏଥିସହିତ ଆବଶ୍ୟକ ଡି.ଏ.ପି., ଏମ୍,ଓ,ପି, ୟୁରିଆ, ଉଇମରା ଓ ବିହନ ବିଶୋଧନ ଔଷଧ ଓ କୀଟ ନାଶକ ଚାଷୀ ମାନଙ୍କୁ ବିତରଣ କରାଯାଇଥିଲା । ଜିପ୍ସମ୍ ଏକର ପିଛା ଏକ କ୍ୱିଣ୍ଟାଲ ହିସାବରେ




ପ୍ରୟୋଗ କରାଯାଇଥିଲା । ଏହାଦ୍ୱାରା ଅମଳ ଏକର ପ୍ରତି ହାରାହାରି ୧୮.୨ କ୍ୱିଣ୍ଟାଲ୍ ହୋଇଥିଲା ଯାହାକି ପାରମ୍ପରିକ ପଦ୍ଧତିଠାରୁ ଶତକଡା ୫୦ ଭାଗ ଅଧିକ ହୋଇଥିବା ସହ ଜିପ୍‌ସମ୍ ବ୍ୟବହାର ଦ୍ୱାରା ଚିନାବାଦାମ୍ ନିଦା ଓ ତୈଳାଂଶ ବୃଦ୍ଧି ପାଇଥିଲା । ଏହି ସଫଳତା ଦେଖି ପାଖ ଆଖ ଗ୍ରାମର ଋଷୀ ଚିନାବାଦାମ ଋଷକୁ ବୈଜ୍ଞାନିକ ପ୍ରଣାଳୀରେ କରିବା ଆଗ୍ରହ ପ୍ରକାଶ କରିବା ପରିଲିକ୍ଷିତ ହେଉଛି ।

## ବିନସ୍ ଫସଲରେ ସର୍‌କୋସ୍ପୋରା ରୋଗ ନିୟନ୍ତ୍ରଣ ର କ୍ଷେତ୍ର ପରୀକ୍ଷଣ

ଗଜପତି ଜିଲ୍ଲା ରାମଗିରି ଓ ଫୁକା ଅଞ୍ଚଳରେ ବିନ୍‌ସ ବହୁଳ ଭାବରେ ଋଷ କରାଯାଏ । କିନ୍ତୁ ସର୍‌କୋସ୍ପୋରା ରୋଗ ପ୍ରଭାବରୁ ବିନ୍‌ସ ନିମ୍ନମାନର ହେବା ସହ ଅମଳ ପ୍ରଭାବିତ ହୋଇଥାଏ । ଏହାକୁ ଲକ୍ଷ ରଖି କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ସରକୋସ୍ପୋରା ରୋଗ ନିୟନ୍ତ୍ରଣ ନିମିତ୍ତ ଏକ କ୍ଷେତ୍ର ପରୀକ୍ଷଣ ଫୁକା ଗ୍ରାମରେ କରାଯାଇଥିଲା । କାର୍ବେଣ୍ଡାଜିମ୍ + ମାନକୋଜେବ୍ ଔଷଧ ବ୍ୟବହାର ଦ୍ୱାରା ରୋଗ ନିୟନ୍ତ୍ରଣ ହେବା ସହ ଅମଳ ୭୨ କ୍ୱିଣ୍ଟାଲ ହୋଇଥିଲା ଯାହା ଋଷୀ କ୍ଷେତ୍ର ମାତ୍ର ୫୩ କ୍ୱିଣ୍ଟାଲ ହେଉଥିଲା । ଏଥିରେ ଋଷୀ ୩୨ ହଜାର ଖର୍ଚ୍ଚ କରି ନିଟ୍ ଲାଭ ୫୪,୪୦୦ ଟଙ୍କା ପାଇପାରିଥିଲେ । ଏଣୁ ପାଖ ଗ୍ରାମର ଋଷୀ ମାନେ ଉନ୍ନତ କୌଶଳ ଅବଲମ୍ବନ କରି ବିନ୍‌ସ ଋଷ କରିବା ପାଇଁ ଆଗ୍ରହ ପ୍ରକାଶ କରୁଛନ୍ତି ।

## କୃଷି ବିଜ୍ଞାନ କେନ୍ଦ୍ର ତରଫରୁ "ପଶୁ ସମ୍ପଦସ୍ୱାସ୍ଥ୍ୟ ଶିବିର" ଅନୁଷ୍ଠିତ

କୃଷି ବିଜ୍ଞାନ କେନ୍ଦ୍ର ଗଜପତି ତରଫରୁ ସାରଳାସଦର ଗ୍ରାମରେ ଏକ ପଶୁ ସମ୍ପଦସ୍ୱାସ୍ଥ୍ୟ ଶିବିର ତା ୨୩.୦୩.୨୦୧୨ ତାରିଖରେ ଅନୁଷ୍ଠିତ ହୋଇଯାଇଛି । ଏଥିରେ ସ୍ଥାନୀୟ ପଶୁ ସମ୍ପଦସହାୟକଙ୍କ ସାହାଯ୍ୟରେ ଆବଶ୍ୟକୀୟ ଟୀକା ଓ ଔଷଧ ଗାଈ ଓ ବାଛୁରୀ ମାନଙ୍କୁ ପ୍ରଦାନ




କରାଯାଇଥିଲା । ଏଥିରେ ୫୫ଟି ଗାଈ ୧୬ଟି ବଳଦଓ ୩୪ ଟି ବାଛୁରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା ନିରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସଚେତନତା ଉପରେ ଆଲୋଚନା କରାଯାଇଥିଲା ।

## ଗ୍ରାମ୍ୟ ଜଳାଶୟ ରେ ପ୍ରାକୃତିକ ଖାଦ୍ୟ ବୃଦ୍ଧି ନିମନ୍ତେ ହ୍ୟୁମିକ୍ ଏସିଡ୍‌ର ଉପଯୋଗିତା

ମାଛର ଉନ୍ନତ ଶାରୀରିକ ବୃଦ୍ଧି ହାର ନିମନ୍ତେ କୃତ୍ରିମ ଖାଦ୍ୟ ସାଙ୍ଗକୁ ଜଳାଶୟରେ ପ୍ରାକୃତିକ ଖାଦ୍ୟ ବୃଦ୍ଧି ନିମନ୍ତେ ଧ୍ୟାନ ଦେବାକୁ ହୋଇଥାଏ । କିନ୍ତୁ ଗ୍ରାମ୍ୟ ଜଳାଶୟ ଗୁଡିକ ଲୋକମାନଙ୍କ ଦ୍ୱାରା ବିବିଧ ଉପାୟରେ ବ୍ୟବହୃତ ହେଉଥିବାରୁ ଗୋବର କିମ୍ବା ଅନ୍ୟାନ୍ୟ ଜୈବ ସାର ପ୍ରୟୋଗ ସମ୍ଭବ ହୋଇନଥାଏ । ଏହାକୁ ଆଖି ଆଗରେ ରଖି ଏକ କ୍ଷେତ୍ର ପରୀକ୍ଷଣ ମହେନ୍ଦ୍ରଗଡ଼, ଛେଳିଗଡ଼ ଗ୍ରାମରେ କରାଯାଇଥିଲା । ଏଥିରେ ହ୍ୟୁମିକ ଏସିଡ୍ (Earth) ଜଳାଶୟରେ ପ୍ରୟୋଗ କରାଯିବା ସାଙ୍ଗକୁ ଅନ୍ୟାନ୍ୟ ବୈଜ୍ଞାନିକ ଅନୁମୋଦିତ କୌଶଳ ଅବଲମ୍ବନ କରି ମାଛ ଋଷ କରାଯାଇଥିଲା । ଏହାଦ୍ୱାରା ପୋଖରୀରେ ପ୍ଲାଙ୍କଟନ୍ ସଂଖ୍ୟା ବୃଦ୍ଧି ପାଇବା ସାଙ୍ଗକୁ ମାଛ ଅମଳ ୮୮ ପ୍ରତିଶତ ବୃଦ୍ଧି ପାଇଁ ହେକ୍ଟର ପିଛା ୨୯ କ୍ୱିଣ୍ଟାଲ ମାଛ ଅମଳ ହୋଇଥିଲା । ଋଷୀ ହେକ୍ଟର ପିଛା ୪୫ ହଜାର ଟଙ୍କା ଖର୍ଚ୍ଚ କରି ନିଟ୍ ଲାଭ ହେକ୍ଟର ପ୍ରତି ୧,୭୦,୦୦୦ ଟଙ୍କା ମିଳିପାରିଥିଲା । ଏଣୁ କମ୍ୟୁନିଟି ପୋଖରୀ ଗୁଡିକରେ ହ୍ୟୁମିକ ଏସିଡ୍ ବ୍ୟବହାର କରି ପ୍ରାକୃତିକ ଖାଦ୍ୟ ବୃଦ୍ଧି କରିବା ସହ ମାଛ ଅମଳ ବୃଦ୍ଧି କରାଯାଇପାରିବ ।



ପ୍ରକାଶକ ଓ ମୁଖ୍ୟ ସଂପାଦକ : ଶ୍ରୀ ଡେଭିଡ୍ ଜେମ୍‌ସ୍ ବାଗେ
ସଂପାଦକ : ଶ୍ରୀ ମନୋଜ କୁମାର ତ୍ରିପାଠୀ
ସଂପାଦନା : ଶ୍ରୀ ପ୍ରଭାତ ଚନ୍ଦ୍ର ପ୍ରଧାନ
ଶ୍ରୀ ବିମାନ ରଂଜନ ବେହେରା
ଶ୍ରୀ ମାନସ ରଂଜନ ପଟ୍ଟନାୟକ

**ଯୋଗାଯୋଗ ଠିକଣା**
କୃଷି ବିଜ୍ଞାନ କେନ୍ଦ୍ର, ଗଜପତି, ରା.ଉଦୟଗିରି
ଫୋନ୍ : (୦୬୮୧୬) ୨୪୦୩୬୨
ଇ-ମେଲ୍ : gajapatikvk@yahoo.co.in